ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Culture(OD)/139/28-04-2021**

# ସାହିତ୍ୟିକ ମନୋଜ ଦାସଙ୍କ ବିୟୋଗରେ ସଂସ୍କୃତି ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ଅପ୍ରେଲ ୨୮, ୨୦୨୧

ବିଶିଷ୍ଟ ସାରସ୍ୱତ ସାଧକ, ସାହିତ୍ୟିକ, ଲେଖକ, ବାଗ୍ମୀ, ଶିକ୍ଷାବିତ୍ ମନୋଜ ଦାସଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଶୋକବାର୍ତ୍ତାରେ ସେ ସ୍ୱର୍ଗତ ମନୋଜ ଦାସଙ୍କ ବିୟୋଗ କେବଳ ରାଜ୍ୟ ପାଇଁ ନୁହଁ ସମଗ୍ର ରାଷ୍ଟ୍ର ପାଇଁ ଏକ ଦାରୁଣ ଆଘାତ ବୋଲି ଜଣାଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ଜନ୍ମିତ ଏହି ଯୋଗଜନ୍ମା ଯଶସ୍ୱୀ କଥାକାର ଦେଶବିଦେଶରେ ତାଙ୍କର ସ୍ୱକୀୟ କୃତି ଓ କୀର୍ତ୍ତି ପାଇଁ ଜଣାଶୁଣା ଥିଲେ । ତାଙ୍କ ବିୟୋଗଜନିତ ଦାରୁଣ ଦୁଃଖ ସହ୍ୟ କରିବାକୁ ଈଶ୍ୱର ତାଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିବା ସହ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

ସୁବାଷ ନିଆଲ
ସୂଚନା ଅଧିକାରୀ